ସକାଳ
THE SAKALA



# ଜିଲ୍ଲାସ୍ତରୀୟ ଡ୍ୟାନ୍ସ ଗ୍ରୁପ ସଂଘର ବୈଠକ



**ବସ୍ତା ବ୍ଲକ, ୭।୧ (ସମିସ):** ବାଲେଶ୍ୱର ଜିଲ୍ଲା ସ୍ତରୀୟ ଡେନ୍ସ ଗ୍ରୁପ ସଂଘ ଗଠିତ ହୋଇଛି। ବୁଧବାର ସକାଳ ସମୟରେ କାଟିପୋଲ ସ୍ଥିତ ମହାଲକ୍ଷ୍ମୀ ହୋଟେଲ ପରିସରରେ ଜିଲ୍ଲାର ପଚାଶରୁ ଉଦ୍ଧର୍ ଡ୍ୟାନ୍ସ ଗ୍ରୁପ ଏକତ୍ରିତ ହୋଇଥିଲେ। ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ସୁଧାଂଶୁ ପାଲଙ୍କ ସଭାପତିତ୍ୱରେ ଉପସଭାପତି ଝାଡ଼େଶ୍ୱର ଗିରି, ସମ୍ପାଦକ ଶାନ୍ତନୁ ଜେନା, ସାଧାରଣ ସମ୍ପାଦକ ମନୋରଞ୍ଜନ ବୀର ପ୍ରମୁଖ ଉପସ୍ଥିତ ରହି ଡେନ୍ସ ଗ୍ରୁପ ମାନଙ୍କୁ ଅନେକ ସ୍ଥାନରେ କରାଯାଉ ଥିବା ଅପମାନ, ଅଶ୍ଳୀଳ ନୃତ୍ୟ କରିବାକୁ ବାଧ କରିବା, ଅର୍ଥକାଟ କରିବା, ସିଜିନ ସମୟରେ କଳାକାର ମାନଙ୍କୁ ପ୍ରଲୋଭିତ କରି ଅନ୍ୟ ଗ୍ରୁପ କୁ ନେଇଯିବା, ଯାହାଦ୍ୱାରା ଡ୍ୟାନ୍ସ ଗ୍ରୁପ ମାଲିକ ମାନେ ବ୍ୟସ୍ତ ବିବ୍ରତ ହୋଇପଡୁଛନ୍ତି। ଗ୍ରାମାଞ୍ଚଳର କୁନି କୁନି କଳାକାରମାନଙ୍କ ଦକ୍ଷତାର ବିକାଶ ସହିତ, ସମାଜରେ ବଂଚିବା ର ରାହା ଯୋଗାଇ ଆସୁଥିବା ଏହି ଛୋଟ ଛୋଟ ଡେନ୍ସ ଗ୍ରୁପ ଗୁଡିକ ଅସହାୟ ଅବସ୍ଥା ଦେଇ ଦିନ କାଟୁଥିବା ବେଳେ ସଂଗଠନ ଏମାନଙ୍କ ସହ ଜଡିତ ରହି ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

# କାୟାକଳ୍ପ ଟିମ୍ ଆସିଲେ ସଜେଇ ହୁଏ ନୀଳଗିରି ମେଡିକାଲ

ନୀଳଗିରି, ୭।୧ (ସମିସ)




ନୀଳଗିରି ମେଡିକାଲରେ ବେଶ୍ କିଛିବର୍ଷ ଧରି ଚିରାଚରିତ ପ୍ରଥାକୁ ଏବେ ବି ମେଡିକାଲ କର୍ତ୍ତୃପକ୍ଷ ଆପଣେଇ ନିଜର ପାରିବାପଣିଆକୁ ଦର୍ଶାଇବାକୁ ଭୁଲିନାହାଁନ୍ତି। ପ୍ରମୁଖ କଥାଟିହେଲା ନୀଳଗିରି ଉପଖଣ୍ଡ ମେଡ଼ିକାଲକୁ କାୟାକଳ୍ପ ଟିମ୍ ଆସିବାର ସୂଚନା ପାଇ ହସ୍ପିଟାଲକୁ ସାମୟିକଭାବେ ସଜେଇ ଦେଇ ପରିସରକୁ ଫୁଲକୁଣ୍ଡ ବସାଇ ନବକଳେବରର ରୂପଦେଇ ପୁରସ୍କାର ହାସଲକରିବା କର୍ତ୍ତୃପକ୍ଷଙ୍କ ଏକ ଅଭିନବ ପ୍ରୟାସ। ବସ୍ତୁତଃ ୧୨ମାସର ଅଳିଆ ଆବର୍ଜନାକୁ ଟିମ୍ ପରିଦର୍ଶନ କରିବାର ଗୋଟାଏ ଦିନ ପୂର୍ବରୁ ପରିଷ୍କାର ପରିଚ୍ଛନ୍ନ କରି ଉଡ଼ାରେ ରଙ୍ଗବେରଙ୍ଗର ଫୁଲଗଛ, ଫୁଲକୁଣ୍ଡ, ହସ୍ପିଟାଲ ପରିସରରେ ରଙ୍ଗଲେପନ ସହିତ ବ୍ଲିଟିଂ ସିଞ୍ଚନଭଳି ବାହାରଦେଖାଣିଆ କାର୍ଯ୍ୟକରି ବାହାବା ନେବା ଏବଂ ଏକ ଉତ୍ତମ ହସ୍ପିଟାଲର ପରିଚୟ ସୃଷ୍ଟିକରିବା ଏମାନଙ୍କର ଉଦ୍ଦେଶ୍ୟ। ଦୁଃଖ ଓ ପରିତାପର ବିଷୟ ମେଡିକାଲ ପରିସରଟି ସବୁଦିନ ଗୁହାଳଘର ପାଲଟି ଥାଏ। ଏପରିକି ଆଉଟ୍ ଡୋର ବିଲ୍ଡିଂର

**ଟିମ୍ ଫେରିଗଲେ ଗୋରୁ ଗୁହାଳ**

ଚାରିପାଖରେ ଲାଗିଥିବା ପାଇଖାନାପାଇପ୍ ଫାଟି ଦୁର୍ଗନ୍ଧ ବାହାରୁଥିବା ବେଳେ ରୋଗୀ କଣ ସାଧାରଣଲୋକ ରହିବା ମୁସ୍କିଲ ହୋଇ ପଡେ। ହସ୍ପିଟାଲ ଚାରିପାଖରେ ମଳମୂତ୍ରର ଦୁର୍ଗନ୍ଧ। ଅଧିକାଂଶ ସମୟରେ ୱାର୍ଡ ଗୁଡ଼ିକୁ ପାଣି ଯାଉନଥିବା ବେଳେ ପାଟିତୁଣ୍ଡ କଲେ ବେଳେବେଳେ ପାଣି ଆସିଥାଏ। ହସ୍ପିଟାଲ ପରିସର ସତେ ଯେପରି ପାନଛେପରେ ରଙ୍ଗ ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ଶିଶୁ ଭବନ ଓ ସ୍ତ୍ରୀ ଓ ପ୍ରସୂତି ବିଭାଗ ନିକଟରେ ଡ୍ରେନକଥା କହିଲେ ନ ସରେ। ଆବର୍ଜନାରେ ପରିପୂର୍ଣ୍ଣ ହୋଇଥିବା ଡ୍ରେନ ସଫା କରିବାରେ ନାଁଧରୁ ନାହାନ୍ତି ମେଡିକାଲ କର୍ତ୍ତୃପକ୍ଷ। ତେବେ ଆଜି କାୟାକଳ୍ପ ଟିମ୍ ଆସିବା ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ଏଭଳି ଭେଳିକି ନାଟକରି ଟିମକୁ ପଛୋଟିନେଇ ଅଭ୍ୟର୍ଥନା କରି ସବୁଠିକ୍ ଥିବା ଦର୍ଶାଇବା କେତେ ଗ୍ରହଣୀୟତାକୁନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ଉଠିଛି।

# ସାମ୍ବାଦିକାଙ୍କ ବିୟୋଗରେ ନୀଳଗିରି ସାମ୍ବାଦିକଙ୍କ ଶ୍ରଦ୍ଧାଞ୍ଜଳି



**ନୀଳଗିରି, ୭।୧ (ସମିସ):** ପିପିଲି ମଙ୍ଗଳପୁରରେ ମର୍ମନ୍ତୁକ ସଡ଼କ ଦୁର୍ଘଟଣା ମୃତ୍ୟୁବରଣ କରିଥିବା ସାମ୍ବାଦିକା ସିଲା ପଟ୍ଟନାୟକଙ୍କ ପାଇଁ ଆଜି ନୀଳଗିରି ସାମ୍ବାଦିକ ସଙ୍ଘର ଶୋକସଭା ଅନୁଷ୍ଠିତ ହୋଇଛି। ନୀଳଗିରି ଲୋକ ସମ୍ପର୍କ ସୂଚନା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସାମ୍ବାଦିକ ପ୍ରକୋଷ୍ଠରେ ଆୟୋଜିତ ଏକ ଶୋକସଭାରେ ସାମ୍ବାଦିକା ସିଲାଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଏନଏଚଆଇର ଏଭଳି ଖାମଖିଆଲ ମନୋଭାବ ପାଇଁ ଆଜି ଏଭଳି ଏକ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଲା ବୋଲି କୁହାଯାଇଛି। ଏଥିରେ ଉତ୍କଳ ସାମ୍ବାଦିକ ସଙ୍ଘ ବାଲେଶ୍ୱର ଜିଲ୍ଲାର ସଭାପତି ଲୋକନାଥ ଦଳେଇ, ଉପସଭାପତି ଜୀବନକୃଷ୍ଣ ବାରିକ, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ବାରିକ, ସଙ୍ଗଠନ ସମ୍ପାଦକ ଭଗବାନ ଦାସ, ରାମଚନ୍ଦ୍ର ମହଲ, ଗଙ୍ଗାଧର ମିଶ୍ର, ଅତୁଲ ସ, ଭଗବାନ ମହଲ, ବ୍ରଜକିଶୋର ପାଣି, ପ୍ରଶାନ୍ତ ବିଶ୍ୱାଳ, ସମରେନ୍ଦ୍ର ବାରିକ,ଜଗନ୍ନାଥ ପାତ୍ର, ପ୍ରିୟନାଥ ବେହେରା, ପ୍ରଫୁଲ୍ଲ ମହାନ୍ତି, ଜଗନ୍ନାଥ ଦାସ, ଗଣେଶ ଜେନା, ଉମାକାନ୍ତ ରାଉତ, ସତ୍ୟାନନ୍ଦ ପାତ୍ର, ଧୀରେନ୍ଦ୍ର ନାୟକ, ସତ୍ୟବ୍ରତ ମଲ୍ଲିକ, ପାର୍ଥସାରଥୀ ଦାସବାବୁ, ବିଭୁତିଭୂଷଣ ବେହେରା, ରତିକାନ୍ତ ପରିଡା,ଶରତ ଜେନା, ବିଶ୍ୱମ୍ବର ଦାସ, ପୁରୁଷୋତ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପଥରଖାଦାନରେ ମାଡ଼ିବସିଲା ପ୍ରବର୍ତ୍ତନ ସ୍କ୍ୱାଡ୍

**ନୀଳଗିରି, ୭।୧ (ସମିସ):** ନୀଳଗିରି ତହସିଲ ଅନ୍ତର୍ଗତ ବିଭିନ୍ନ ପଥରଖାଦାନରେ ବେଆଇନ ଭାବେ ପଥର ଉତ୍ତୋଳନ କରି ମାଲେମାଲ ହେଉଥିବା ବେଳେ ଏନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ମାତ୍ର ସ୍ଥାନୀୟ ପ୍ରଶାସନ ମାଫିଆ ମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନିଦାବିଷ୍ଣୁ ସାଜି ଚୁପ୍ ରହିଥିଲେ। କିଛିଦିନ ତଳେ ଏନେଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଜିଲ୍ଲାପାଳଙ୍କୁ ଚିଠିଲେଖି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ନହେଲେ ଆଗାମୀ ଜାନୁଆରୀ ୯ ତାରିଖ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବାକୁ ଚେତାବନୀ ଦେଇଥିଲେ। ତେବେ ନୀଳଗିରି ବ୍ଲକ୍ ପୋଡ଼ାଶୁଳ ନିକଟବର୍ତ୍ତୀ ବାଦାମବାଡ଼ି ପଥରଖାଦାନ ରେ ଗତ ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡର ଏକ ଟିମ୍ ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ ଏବଂ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ସହାୟତାରେ ଉକ୍ତ ଖାଦାନରେ ଚଢାଉ କରାଯାଇଥିଲା। ଚଢାଉ ଦେଖି ମାଫିଆ ମାନେ ଛତ୍ରଭଙ୍ଗ ଦେଇଥିଲେ ହେଁ ଘଟଣାସ୍ଥଳରୁ ୮ଟି ପକ୍ଲିନ, ପାଞ୍ଚଟି କମ୍ପ୍ରେସର, ଟିପର ୩ ଏବଂ ହାଇବା ୨ ଟି ସହିତ ମୋଟ ୧୮ଟି ଗାଡ଼ି ଜବତ କରାଯାଇଛି। ସୂଚନା ଅନୁଯାୟୀ ଜାମୁଡିହା ମୌଜା ୧ ଓ ୨ ଅଞ୍ଚଳର ଏକ ପଥର ଖାଦାନକୁ ରେଳ ବିଭାଗୀୟ କାର୍ଯ୍ୟ ପାଇଁ ଏଆରଏସଏସ୍ ନାମକ କମ୍ପାନୀକୁ ଲିଜ୍ ସୂତ୍ରରେ ଦିଆଯାଇଥିଲା। ଯାହାର ଅବଧି ଗତବର୍ଷ ଡ଼ିସେମ୍ବର ୨୩ ତାରିଖରୁ ସମାପ୍ତି ହୋଇସାରିଥିଲା। ଅବଧି ବଢ଼ାଇବା ପାଇଁ ଆବେଦନ ହୋଇଥିବା ବେଳେ ଏହା ମିଳିନଥିଲା। କିନ୍ତୁ ଉକ୍ତ କମ୍ପାନୀ ବେଆଇନ ପଥର ଉତ୍ତୋଳନ କରି ଚାଲିଥିବା ବେଳେ ଏହାର ଫାଇଦା ନେଇ ଉକ୍ତ ଅଞ୍ଚଳରେ ବେଆଇନ ଭାବେ ଚୋରାରେ ଏକାଧିକ ଖାଦାନରେ ମାଫିଆ ମାନେ ପଥର ବ୍ଲାଷ୍ଟିଂ ଏବଂ ଉତ୍ତୋଳନ କରି ବାହାରକୁ ଚାଲାଣ କରୁଥିଲେ।

**ପୋକ୍ଲିନ ସହ କମ୍ପ୍ରେସର୍ ଜବତ**

# ଭୋଗରାଇ ଉତ୍ସବର ସପ୍ତମ ସନ୍ଧ୍ୟା

**ଭୋଗରାଇ, ୭।୧ (ସମିସ) :** ଭୋଗରାଇ ବ୍ଲକ ଦେହୁର୍ଦ୍ଧା ପଞ୍ଚାୟତ ଥାନାଛକ ହେଲିପ୍ୟାଡ ପଡ଼ିଆରେ ଭୋଗରାଇ ଉତ୍ସବ ସପ୍ତମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ସପ୍ତମ ସନ୍ଧ୍ୟାରେ ଉତ୍ସବ କମିଟିର ସମ୍ପାଦକ ସନ୍ତୋଷ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଂସ୍କୃତ ଗବେଷକ କୃଷ୍ଣ କେଶବ ଷଡ଼ଙ୍ଗୀ, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ସମ୍ମାନିତ ଅତିଥି ଭୋଗରାଇ ପ୍ରାକ୍ତନ ଶିକ୍ଷା ଅଧିକାରୀ କମଳଲୋଚନ ବିଶ୍ୱାଳ, ସାମ୍ବାଦିକ ଅଜିତ୍ କୁମାର ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବ କମିଟିର ସଦସ୍ୟ ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଉତ୍ସବ କମିଟିର ସଦସ୍ୟା ସଂଜୀବ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଷଷ୍ଠୀ ଚରଣ ନନ୍ଦଙ୍କୁ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲୁକାଶିଳ୍ପୀ ବିଜୟିନୀ ଦାସ, ସଂଗ୍ରାମ ରାଜଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମଧ୍ୟରାତ୍ରି ପର୍ଯ୍ୟନ୍ତ ସିନେ ତାରକାମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଶ୍ରମ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ବାଲିଆପାଳ, ୭।୧ (ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳାସ୍ଥିତ ଆଶ୍ରମ ବିଦ୍ୟାଳୟରେ ଦୁଇ ଦିନିଆ ବାର୍ଷିକ କ୍ରିଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମଙ୍ଗଳ ସଂପ୍ରସାରଣ ଅଧିକାରୀ ଉଦିତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀ ମୋହନ ଜେନା ଏବଂ ହିନ୍ଦୀ ଶିକ୍ଷକ ଅନନ୍ତ କୁମାର ରାଉଳ ଯୋଗଦେଇଥିଲେ। ଏହି ଖେଳରେ ୨ ଶହରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଖେଳ ଶିକ୍ଷକ ରଞ୍ଜନ କୁମାର ସାହୁ, ଦେବାଶିଷ ଜେନା ଖେଳ ପରିଚାଳକ ଭାବେ କାର୍ଯ୍ୟ ତୁଲାଇଥିଲେ। ବିଦ୍ୟାଳୟର ଶିକ୍ଷକ ଅଜୟ ବର, ସଂଯୁକ୍ତା ପାଣିଗ୍ରାହୀ, ଉର୍ମିଳା ରାଉଳ, ୱାଡେନ ସୁରଭି ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଗୋଚର ଜମି ଜବରଦଖଲକାରୀଙ୍କୁ ଜରିମାନା

**ସୋର, ୭।୧(ସମିସ):** ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ବଇଁଶୀଖାର୍ଜୀ ଗ୍ରାମର ଏକ ଗୋଚର ଜମିକୁ ଜଣେ ଚାଷୀ ଜବର ଦଖଲ ଉଦ୍ଦେଶ୍ୟରେ ମାଟି ତାଡ଼ି ଗଛ କାଟି ନେଇଯାଇଥିବା ଅଭିଯୋଗରେ ଆଜି ତହସିଲ ତରଫରୁ ଚଢ଼ଉ କରାଯାଇ ଜବରଦଖଲମୁକ୍ତ କରିବା ସହିତ ଜବରଦଖଲକାରୀଙ୍କୁ ଜରିମାନା କରିଛନ୍ତି। ଏହି ଗ୍ରାମର ଗୋଚର ପଡ଼ିଆ ନିକଟରେ ଥିବା ନଦୀଗାଁ ପଞ୍ଚାୟତ ଗୁହାଳଡିହି ଗ୍ରାମର ଦେବାଶିଷ ପୃଷ୍ଟି ୧୦ରୁ ଅଧିକ ତାଳଗଛ, ବାଉଁଶ ଗଛ ଏବଂ ପାଖପାଖି ୮ ଡିସମିଲ ଆକାରର ଜମିକୁ ମାଟି ଉଠାଇ ନିଜ ଜମି ସହିତ ମିଶାଇ ଦେଇଥିଲେ। ଏ ସଂପର୍କରେ ବଇଁଶୀଖାର୍ଜୀର ଆଦିବାସୀ ଅଧିବାସୀ ପ୍ରଭାକର ସିଂ, ଲିଟୁ ସିଂ, ମୁନା ସିଂ, ଅଜୟ ସିଂ, ଲକ୍ଷ୍ମଣ ସିଂ, ଶିବାନୀ ସିଂ, ରଶ୍ମିତା ସିଂ ଏବଂ ଗୁହାଳଡିହି ଗ୍ରାମର ଶଙ୍କର୍ଷଣ ଲେଙ୍କା, ପ୍ରଶାନ୍ତ ଲେଙ୍କା ପ୍ରମୁଖ ଭାରପ୍ରାପ୍ତ ତହସିଲଦାର ଦୈତାରୀ ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିବା ପରେ ଆଜି ଶ୍ରୀ ମଲ୍ଲିକ ଏବଂ କୁ?ଇ ଆରଆଇ ଡଲି ସେଠୀ ସଦଳବଳେ ସେଠାରେ ପହଞ୍ଚି ସରଜମିନ ତଦନ୍ତ କରିବା ସହିତ ଜବରଦଖଲକାରୀକୁ ଜବରଦଖଲରୁ ଉଚ୍ଛେଦ କରିବା ସହିତ ଜରିମାନା ଲାଗୁ କରିଛନ୍ତି।

# ଜିଲ୍ଲାସ୍ତରୀୟ ବୃହତ କୁଞ୍ଜମେଳାର ଷଷ୍ଠ ସନ୍ଧ୍ୟା

**ଭୋଗରାଇ, ୭।୧(ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ନାଚିନ୍ଦାଠାରେ ଜିଲ୍ଲାସ୍ତରୀୟ ବୃହତ କୁଞ୍ଜ ମେଳା ଷଷ୍ଠ ସନ୍ଧ୍ୟା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଶିବଶଙ୍କର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି କସବା କମର୍ଦ୍ଦା ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସମ୍ମାନିତ ବକ୍ତା କମର୍ଦ୍ଦା ପଞ୍ଚାୟତ ସଦସ୍ୟ କେଶବ କୁମାର ମିଶ୍ର, ସମ୍ମାନିତ ଅତିଥି ମହେଶପୁର ସରପଞ୍ଚ ବରେନ୍ଦ୍ର କୁମାର ପାତ୍ର, ଶିକ୍ଷକ ମନୋଜ କୁମାର ଜେନା, କମର୍ଦ୍ଦା ସେବା ସମବାୟ ସମିତି ସଭାପତି ଜୟଦେବ ଦାସ, ସାମ୍ବାଦିକ ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ମେଳା ସମ୍ପର୍କ ଓ ଭାଇଚାରାର ମାଧ୍ୟମ ପାଲଟିଥାଏ ବୋଲି କହିଥିଲେ। ଡାଃ ଲଲାଟେନ୍ଦୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଶ୍ରୀଜଗନ୍ନାଥଙ୍କ ବେଶର ଷଷ୍ଠ ସନ୍ଧ୍ୟା

**ରାଜଘାଟ, ୭।୧ (ସମିସ):** ବସ୍ତା ବ୍ଲକ ଅନ୍ତର୍ଗତ ସିଂଲା ଠାରେ ଅନୁଷ୍ଠିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବତିଶି ବେଶ ଓ ନୃତ୍ୟ ଉତ୍ସବର ଷଷ୍ଠ ସଂଧ୍ୟା ସମାପନ ହୋଇଛି। ହଜାର ହଜାର ଭକ୍ତ ଙ୍କ ସମାବେଶ ଆହୁରି ଉତ୍ସବ ମୁଖରିତ ହେଉଥିବା ରଙ୍ଗାରଙ୍ଗ ଆଲୋକ ସଜ୍ଜା ବେଶ୍ ଆକର୍ଷିତ। ଷଷ୍ଠ ସଂଧ୍ୟାରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ସଭାପତି ଯୁବ ସମାଜସେବୀ ଜୟନ୍ତ ମିଶ୍ର ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ଯୁବନେତା ସୁଧାଂଶୁ ଶେଖର ଜେନା ଯୋଗ ଦେଇ ଜଗନ୍ନାଥ କୋଟି ଓଡିଆଙ୍କ ଗର୍ବ ଗାରିମା ଜଗନ୍ନାଥଙ୍କ ପାଇଁ ଓଡିଆ ଜାତି ବିଶ୍ୱ ବନ୍ଦିତା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୁର୍ବତନ ସରପଞ୍ଚ ସତ୍ୟ ରଞ୍ଜନ ନାୟକ ଯୋଗ ଦେଇଥିଲେ। ଅଧ୍ୟାପକ ନିରଞ୍ଜନ ବେହେରା ଅତିଥି ପରିଚୟ ଦେଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ବରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ମାନ୍ଧାତାର ଜଗନ୍ନାଥ ନୃତ୍ୟ ଅନୁଷ୍ଠାନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ।

# ଗୋପିନାଥପୁର ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ନୀଳଗିରି, ୭।୧ (ସମିସ):** ନୀଳଗିରି ଗୋପିନାଥପୁର ଏସସିଏସରେ ବୁଧବାରଦିନ ଚଳିତବର୍ଷର ଧାନମଣ୍ଡି ଉଦଘାଟିତ ହୋଇଯାଅଛି। ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ମଣ୍ଡି ଉଦ†ାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବିଜେପିର ବରିଷ୍ଠ ନେତା ମନୋରଞ୍ଜନ ବେହେରା ଉପସ୍ଥିତ ରହିଥିଲେ। ସୋସାଇଟିର ସଭାନେତ୍ରୀ ସୁଚିସ୍ମିତା ବେହେରା, ପୂର୍ବତନ ସଭାପତି ରଧାଗୋବିନ୍ଦ ଖଟୁଆ, ଉପସଭାପତି ରବିନ୍ଦ୍ର ପାତ୍ର, ସଭ୍ୟ ରମେଶ ପରିଡ଼ା, ଗଦାଧର ପାତ୍ର, ରଞ୍ଜିତା ମହଲ, ସରସ୍ୱତୀ ଗୋଛାୟତ, ଶିବାଜୀ ଦାସ, ପ୍ରମୁଖ ଉପସ୍ଥିତଥିଲେ। ଏସସିଏସର ସମ୍ପାଦକ ଭାଗିରଥି ପ୍ରଧାନ, ରାଧା ସେଠୀ, ଦିଲ୍ଲୀପ ଖଟୁଆ, କମଳେଶ ରାଉଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶ୍ରଦ୍ଧାପୁର ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



**ଚନ୍ଦନେଶ୍ୱର, ୭।୧(ସମିସ) :** ବାଲେଶ୍ୱର ଜିଲ୍ଲା ଭୋଗରାଇର ଶ୍ରଦ୍ଧାପୁର ଉଚ୍ଚବିଦ୍ୟାଳୟର ବୁଧବାର ୩୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାମେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଗୌତମବୁଦ୍ଧ ଦାସ ଯୋଗ ଦେଇ କହିଲେ ପିଲାମାନଙ୍କ ଭିତରେ ଲୁକାୟିତ ପ୍ରତିଭାର ଅନନ୍ତ ସମ୍ଭାବନାକୁ ବାଛିବା ପାଇଁ ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ଦାୟିତ୍ୱ। ମୁଖ୍ୟ ବକ୍ତା ଭାବେ ଆଧ୍ୟାତ୍ମିକ ମାର୍ଗଦର୍ଶକ ଶିକ୍ଷାବିତ ସୁବାସ ଦାସ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜିଲ୍ଲାପରିଷଦ ସଭ୍ୟା ପ୍ରତିମା ଚାନ୍ଦ, ସରପଞ୍ଚ ପ୍ରତ୍ୟାଶା ପାତ୍ର, ସମିତି ସଦସ୍ୟା ଦୁର୍ଗାମଣୀ ମଣ୍ଡଳ, ଶ୍ରଦ୍ଧାପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଦେବକୁମାର ପାତ୍ର, ଶିକ୍ଷାବିତ ଶମ୍ଭୁନାଥ ଜେନା, ପ୍ରାକ୍ତନ ଓଷ୍ଟା ସମ୍ପାଦକ ନଟରଞ୍ଜନ ଘରାଇ, ପୂର୍ବତନ ସମିତି ସଭ୍ୟ ସୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ସୁଉପଦେଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ଭଞ୍ଜ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଅଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୪୨ତମ ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବରେ ପ୍ରଥମ ହୋଇଥିବା ବିଦ୍ୟାଳୟର ଛାତ୍ରୀ ଶୃତିଶିଖା ଚାନ୍ଦ, ସାର୍ଥକ ଟିଭି ସ୍ୱର ଲକ୍ଷ୍ମୀରେ ସ୍ଥାନ ପାଇଥିବା ରୂପଶ୍ରୀ ଜେନା, ସୁନାମଧନ୍ୟ ଅପରାଜିତା ସିରିଏଲର ନାୟିକା ଶୁଭଶ୍ରୀ ଜେନାଙ୍କୁ ମଧ ସମ୍ମାନିତ କରାଯାଇଥିବା ସହ ମେଧାବୀ ଛାତ୍ର ଛାତ୍ରୀଙ୍କୁ ଶମ୍ଭୁନାଥ ମେଧାବୃତ୍ତି ଓ ସୁବାସ ମେଧାବୃତ୍ତି ପ୍ରଦାନ କରାଯାଇଥିଲା।

# ୫ ସ୍ଥାନରେ ଖୋଲିଲା ଧାନମଣ୍ଡି

**ଖଇରା, ୭ ।୧(ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକର ୫ଟି ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇ ଯାଇଛି। ଏଥିରେ ସିମୁଳିଆ ବିଧାୟକ ତଥା ରାଜ୍ୟ ପବ୍ଲିକ ଅଣ୍ଡରଟେକିଂ କମିଟି ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ସମିତି ସଭାପତି ଗଣେଷ ପ୍ରସାଦ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବିଡିଓ ନାରାୟଣ ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସୁଷମା ମହାପାତ୍ର, ଆରଏମସି ସମ୍ପାଦକ ସୁଶାନ୍ତ ଦାସ, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଖଇରା ଶାଖା ପରିଚାଳକ ଯଦୁନାଥ ସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ବିଧାୟକ ଅନ୍ୟ ଅତିଥି ମାନଙ୍କ ପଳସା ସମିତି ଗସ୍ତ କରିଥିବା ବେଳେ ପରିଚାଳନା ବୋର୍ଡ ସଭାପତି ହେମନ୍ତ କୁମାର ପୃଷ୍ଟି ସମ୍ପାଦକ ରାଜେଶ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ତଥା ଶତାଧିକ ଚାଷୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ସହ ଧାନମଣ୍ଡିର ଶୁଭାରମ୍ଭ ହୋଇଥିଲା। ବିଧାୟକ ବକ୍ତବ୍ୟରେ ସବୁ ଚାଷୀଙ୍କର ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଟୋକନ ଧାନ କିଣାଯିବ ବୋଲି ପ୍ରତିଶୃତି ଦେଇଥିଲେ। ପରେ ଗୋଳିହାରେ ସଭାପତି ସମ୍ପଦ କୁମାର ଘଡେଇ,ସମ୍ପାଦକ ପ୍ରଶାନ୍ତ କୁମାର ନାୟକ,ଢୁଙ୍ଗୁରାରେ ସଭାପତି ଶତ୍ରୁଘ୍ନ ମହାନ୍ତି ଓ ସମ୍ପାଦକ ଗୌରାଙ୍ଗ ଦାସ,ମାଣିତ୍ରୀରେ ସଭାପତି କୈଳାସ ଗଡପଲ୍ଲା ଓ ସମ୍ପାଦକ ଉତ୍ତମ ପାଣିଗ୍ରାହୀ ଏବଂ ସର୍ବଶେଷରେ ଓସଙ୍ଗରେ ବୋର୍ଡ ସଭାପତି ଜଗନ୍ନାଥ ଦାଶ ଏବଂ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁ ତଥା ସ୍ଥାନୀୟ ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ବିଧାୟକ ଏବଂ ଅନ୍ୟାନ୍ୟ ଅତିଥିମାନେ ସରକାରୀ ଧାନକ୍ରୟ କେନ୍ଦ୍ରର ଉଦଘାଟନ କରିଥିଲେ। ମାଣିତ୍ରୀ ଓ ଓସଙ୍ଗରେ ଶରତ ଦାସଙ୍କ ସମେତ ବହୁ ଚାଷୀ ମିଲର ଦ୍ୱାରା ୧୦କିଲୋ ପର୍ଯ୍ୟନ୍ତ କଟନୀ ଛଟନୀ କରାଯାଉଥିବା ଅଭିଯୋଗ କରିଥିଲେ।

# ରକ୍ତଦାନ ଶିବିର

**ଜଳେଶ୍ୱର ବ୍ଲକ, ୭।୧ (ସମିସ) :** ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳର ଚମାର ଗାଁ ଗ୍ରାମ୍ୟ ପଞ୍ଚାୟତର ଚାଫଲା ଗ୍ରାମର ଗୋପାଳ ଚନ୍ଦ୍ର ଜେନାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ବଡ଼ ପୁଅ ରବିନ୍ଦ୍ର ନାଥ ଜେନା, ମଧ୍ୟମ ପୁଅ ପୂର୍ଣ୍ଣ ଚନ୍ଦ୍ର ଜେନା, ସାନ ପୁଅ ନିର୍ମଳନ୍ଦୁ ଜେନାଙ୍କ ପ୍ରଚେଷ୍ଟା ବଳରେ ଏକ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୪ ୟୁନିଟ ରକ୍ତ ସଂଗ୍ରହ ହୋଇ ଥିଲା। ଏହି ମହାନ କାର୍ଯ୍ୟରେ ବାଲେଶ୍ୱର ଜିଲ୍ଲାପରିଷଦ ଉପାଦକ୍ଷା ଅନୁସୁୟା ପ୍ରଧାନ, ଲେଲିନ ପ୍ରଧାନ, ରାଜୀବ ଲୋଚନ ଗିରି ଯୋଗ ଦେଇଥିଲେ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ବାଲିଆପାଳ, ୭।୧ (ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାରେ ୧୧୮ଟି ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ମିଳିଛି। ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବେତଗଡିଆସ୍ଥିତ କାଳିଆ ଖିଆ ଗ୍ରାମରେ ଥିବା ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହି ମାନ୍ୟତର ସୁଯୋଗ ପାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆଭାସି କାର୍ଯ୍ୟକ୍ରମରେ ବସ୍ତା ବିଧାୟିକା ସୁବାସିନୀ ଜେନା, ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ, ବେତଗଡିଆ ସରପଞ୍ଚ ସୁମିତ୍ରା ଗିରି, ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ସମାଜସେବୀ ସନ୍ତୋଷ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳା କାନ୍ତ ବିଶ୍ୱାଳ, ମାଧବା ନନ୍ଦ ଦାସ, ଗୁଣନିଧି ରାଉତ, ବୁଦ୍ଧଦେବ ପଢିହାରି, ଶ୍ରୀ କାନ୍ତ ପଢିହାରି, ଅରବିନ୍ଦ ପଢିହାରି, ଲକ୍ଷ୍ମୀ ପ୍ରୀୟା ବିଶ୍ୱାଳ, ସିନିଗୋ ମାରାଣ୍ଡି, ପରିଚାଳନା କମିଟିର ସଭାପତି ମନ୍ମଥ କୁମାର ପାଣି ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

# ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଉଦ୍‌ଘାଟିତ

ଜଳେଶ୍ୱର, ୭।୧ (ସମିସ)



ଜଳେଶ୍ୱର ବ୍ଲକର ସୁବର୍ଣ୍ଣରେଖା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଦୀର୍ଘବର୍ଷ ଧରି ଏହି ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଥିବା ବେଳେ କରୋନାପରେ ଏହା ବନ୍ଦ ହୋଇଯାଇଥିଲା। ଚଳିତବର୍ଷ ପୁଣି ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିବାରୁ ସ୍ଥାନୀୟ ଝାଡପିମ୍ପଳ, ବାଇଗଣବାଡିଆ, ପଶ୍ଚିମବାର୍ଡ ପଂଚାୟତ ସହିତ ନିକଟସ୍ଥ ବହୁ ପଂଚାୟତବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଥିବାରୁ ମେଳାକୁ ଉପଭୋଗ କରିବାଲାଗି ବହୁ ଲୋକ ଏକତ୍ରୀତ ହୋଇଥିଲେ। ଏହି ମେଳାକୁ ତହସିଲଦାର ସତ୍ୟଜିତ୍ ମହାନ୍ତି ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଂଚଳବାସୀଙ୍କ ସହଯୋଗରେ ଏପରି କାର୍ଯ୍ୟ ହେଉଥିବାରୁ ଗ୍ରାମାଂଚଳର ଲୋକମାନେ ଭରପୁର ଉପଭୋଗ କରିଥାନ୍ତି ବୋଲି କହିଥିଲେ। ମେଳା କମିଟିର ସଭାପତି ରମେଶ ଚନ୍ଦ୍ର ପାତ୍ର ପୌରହିତ୍ୟ କରି ଆଭିମୂଖ୍ୟ ପ୍ରଦାନ କରିବା ସହିତ ଛଅ ଦିନ ଧରି ହେବାକୁଥିବା ମେଳାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟ ବକ୍ତାଭାବେ ବରିଷ୍ଠ ନେତା ତଥା ମେଳା କମିଟିର କାର୍ଯ୍ୟକାରୀ ସଭାପତି ବ୍ରଜମୋହନ ପ୍ରଧାନ ଯୋଗଦେଇ ଅଂଚଳର ବିକାଶ ମହୋତ୍ସବ ମାଧ୍ୟମ ହେଉଥିବା ବେଳେ ପ୍ରତିଭାଧରମାନଙ୍କୁ ଆଗକୁ ନେବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଂଚ ସମ୍ଭୁନାଥ ଜେନା, ଜୟକୃଷ୍ଣ ଅଣ୍ଡିଆ, ଭୂପତି ମିର୍ଦ୍ଧା, ସାମ୍ବାଦିକ ରବିନାରାୟଣ ପାତ୍ର ପ୍ରମୁଖ ଯୋଗଦେଇ ମହୋତ୍ସବ ଦ୍ୱାରା ସ୍ଥାନୀୟ ଅଂଚଳର କଳା, ସଂସ୍କୃତିର ବିକାଶ ସହିତ ବିପଣୀର ସୁଯୋଗ ମିଳିଥାଏ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ସୁକୁମାର ମିଶ୍ର ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କମିଟିର ସଂପାଦକ ଚନ୍ଦନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରସାଦ ରାଉଳ, ଗୋଲବଦନ ବିବି, ସେକ୍ ହବିବୁଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନନ୍ତ କୁମାର ଜେନା, ବାପୁଜୀ ଦାସ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଜୟନୁର କରାମତ ଅଲ୍ଲି, ତରାଫ ଅଲ୍ଲି ସାହା, ଶଶୀକାନ୍ତ ପାତ୍ର, ଝାଡେଶ୍ୱର ପାତ୍ର ପ୍ରମୁଖ ବହୁ ବ୍ୟକ୍ତି ପରିଚାଳନା କରିଥିଲେ।

